## କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୯ ମସିହା ଜାନୁୟାରୀ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ❖ ତଳିଘରାରେ ଉକୁଣିଆ ପୋକ ଦେଖାଗଲେ ଏକର ପ୍ରତି NSKE (ଆଜାଡିରାକ୍ଟିନ୍) ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲେଥ୍ରିନ୍ ୫% ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫ % ଡବ୍ଲୁ.ଜି ୪୦ ଗ୍ରାମ୍ ବ୍ୟବହାର କରନ୍ତୁ ।
- ❖ ତଳି ଘରାରେ କାଣ୍ଡବିନ୍ଧା ପୋକ ଦେଖା ଦେବାର ସମ୍ଭାବନା ଥିଲେ, ଯୌନସମ୍ବେଦନଶୀଳ ଯନ୍ତାରେ ସିରଫୋଲ୍ୟର ସହିତ ବ୍ୟବହାର କରନ୍ତୁ ।
- ❖ ତଳିଘରାରେ ତଳିପଚା ରୋଗ ଦେଖାଦେଲେ କାର୍ବେଣ୍ଡାଜିମ୍ (ବାଭିଷ୍ଟିନ୍) ୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ କିମ୍ବା ପ୍ରୋପିକୋନାଜୋଲ୍ (ଟିଲ୍ଟ) ୧ ମି.ଲି.୧ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ❖ ଖରାଟିଆ ଧାନ ଚାଷ ପାଇଁ ତଳିରୁଆ କାମ ଜାନୁୟାରୀ ମାସ ଶେଷ ସୁଦ୍ଧା ସମାପ୍ତ କରି ଦିଅନ୍ତୁ ।
- ❖ ରୁଆ ଧାନ ପାଇଁ ପ୍ରତି ଏକର ପିଛା ସମୁଦାୟ ୪୦:୨୦:୨୦ କି.ଗ୍ରା. ଯବକ୍ଷାରଜାନ:ଫସଫରସ୍:ପଟାସ୍ ସାର ଅନୁମୋଦିତ ଅଟେ, ଏଣୁ ମୂଳସାର ଭାବେ, (ୟୁରିଆ ୪.୫ କି.ଗ୍ରା. + ଡି.ଏ.ପି. ୪୪ କି.ଗ୍ରା. + ଏମ୍.ଓ.ପି ୨୨ କି.ଗ୍ରା.) କିମ୍ବା (ୟୁରିଆ ୨୨ କି.ଗ୍ରା. + ଏସ୍.ଏସ୍.ପି. ୧୨୫ କି.ଗ୍ରା. + ଏମ୍.ଓ.ପି ୨୨ କି.ଗ୍ରା.) ଶେଷଥର କାଦୁଅ କରିବା ସମୟରେ ମୂଳସାର ଭାବେ ବ୍ୟବହାର କରିବା ଉଚିତ୍ । ଶଙ୍କର କିସମ ଧାନରେ ଏକର ପିଛା ୪୮:୨୪:୨୪ କି.ଗ୍ରା. ଯବକ୍ଷାରଜାନ:ଫସଫରସ୍:ପଟାସ୍ ସାର ବ୍ୟବହାର କରନ୍ତୁ । ଏଣୁ ମୂଳସାର ଭାବେ, (ୟୁରିଆ ୫.୫ କି.ଗ୍ରା. + ଡି.ଏ.ପି. ୫୨ କି.ଗ୍ରା. + ଏମ୍.ଓ.ପି ୨୬.୫ କି.ଗ୍ରା.) କିମ୍ବା (ୟୁରିଆ ୩୫ କି.ଗ୍ରା. + ଏସ୍.ଏସ୍.ପି. ୧୫୦ କି.ଗ୍ରା. + ଏମ୍.ଓ.ପି ୨୬.୫ କି.ଗ୍ରା.) ଶେଷଥର କାଦୁଅ କରିବା ସମୟରେ ବ୍ୟବହାର କରିବା ଉଚିତ୍ ।
- ❖ ରୁଆ ଧାନରେ ମିଶ୍ରିତ ବାଲୁଙ୍ଗା ଦମନ ପାଇଁ ବେନ୍ସଲଫ୍ୟୁରାନ୍ ମିଥାଇଲ୍ ସହିତ ପ୍ରେଟିଲାକ୍ଲୋର (Londax Power ଗୁଣ୍ଡ/ ଇରେଜ୍ ଷ୍ଟ୍ରଙ୍ଗ୍) ପ୍ରତି ଏକର ପିଛା ୪ କି.ଗ୍ରା. ହିସାବରେ ରୋଇବାର ୫-୧୦ ଦିନ ପରେ ପ୍ରୟୋଗ କରନ୍ତୁ । ଏହା ଦାନାଦାର ହୋଇଥିବାରୁ ପ୍ରତି ଏକର ପିଛା ୪ କି.ଗ୍ରା. ବାଲି ଏହା ସହିତ ମିଶାଇ ବିଲରେ ସମାନ କରି ପ୍ରୟୋଗ କରନ୍ତୁ କିମ୍ବା ଏକର ପିଛା ପାଇରାଜୋସଲଫ୍ୟୁରାନ୍ ଇଥାଇଲ ୧୦ ଡବ୍ଲ୍ୟୁ.ପି ୮୦ ଗ୍ରାମ୍ ୧୪୦ ଲିଟର ପାଣିରେ ମିଶାଇ ତଳି ରୋଇବାର ୫ ରୁ ୭ ଦିନ ପରେ ସିଞ୍ଚନ କରନ୍ତୁ ।
- ❖ କାଦୁଅ ବିଲରେ ଯେଉଁଠାରେ ଧାନ ବୁଣା ହୋଇଥାଏ, ସେଠାରେ ମିଶ୍ରିତ ବାଲୁଙ୍ଗା ଦମନ ପାଇଁ ପ୍ରତି ଏକର ପିଛା ଫେନୋକ୍ସାପ୍ରୋ-ପି-ଇଥାଇଲ୍ ୯ ଇ.ସି. (Rice star) ୨୬୦ ଗ୍ରାମ୍ ଓ ଇଥୋକ୍ସିସଲଫ୍ୟୁରୋନ୍ ୧୫ ଡବ୍ଲୁ.ଜି (Sunrice) ୫୦ ଗ୍ରାମ୍, ସ୍ପ୍ରେୟର ମିଶ୍ରିତ ଦ୍ରବଣକୁ ୧୪୦ ଲିଟର ପାଣିରେ ମିଶାଇ ଧାନ ବୁଣିବାର ୧୫ ରୁ ୨୦ ଦିନ ରେ ନାପସାକ୍ ସ୍ପ୍ରେୟର ସାହାଯ୍ୟରେ ସିଞ୍ଚନ କରନ୍ତୁ ।

❖ କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ନିରୀକ୍ଷଣ ପାଇଁ ରୁଆ ଧାନରେ ଏକର ପିଛା ୩ ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ଏକର ପିଛା ୬୦୦ ରୁ ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

******